# NATIONAL NEWS BULLETIN (ODIA)

## 10 June 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଭାରତର ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ଇତିହାସ ସୃଷ୍ଟି କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଶୁଭେଚ୍ଛା ଜଣାଇଲେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱ ।

- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ – ଏନ୍.ଡି.ଏ. ବୈଠକ ।

- ବୁଲ୍‌ଗେରିଆ ଏବଂ ଫିନ୍‌ଲାଣ୍ଡକୁ ଆଜିଠାରୁ ଦୁଇ ଦିନିଆ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଇରାନ୍‌ର ବିଭିନ୍ନ ଅଞ୍ଚଳରେ ଆମେରିକାର ଆକ୍ରମଣ ।

ଏବଂ

- ଓଡ଼ିଶା ସମେତ କୋଙ୍କଣ-ଗୋଆରେ ଆଜି ପ୍ରବଳ ଗ୍ରୀଷ୍ମ ପ୍ରକୋପ ଅନୁଭୂତ ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ ।

# ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏ କ୍ଷେତ୍ରରେ ଶ୍ରୀ ମୋଦୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ କାର୍ଯ୍ୟକାଳ ଅବଧିକୁ ଅତିକ୍ରମ କରିଛନ୍ତି । ୨୦୧୪ ମେ ମାସ ୨୬ ତାରିଖରେ ଶ୍ରୀ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୧୯୫୨ ମସିହା ମେ ମାସ ୧୩ ତାରିଖରେ ପଣ୍ଡିତ ନେହେରୁ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୧୯୬୪ ମେ ମାସ ୨୭ ତାରିଖ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର କାର୍ଯ୍ୟକାଳ ୪ ହଜାର ୩୯୮ ଦିନ ରହିଥିଲା । ଆଜି ସୁଦ୍ଧା ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪ ହଜାର ୩୯୯ଦିନ ଦାୟିତ୍ୱ ନିର୍ବାହ କରିସାରିଲେଣି । ଯାହାକି ତାଙ୍କୁ ଭାରତ ଇତିହାସରେ ସବୁଠାରୁ ଅଧିକ ସମୟ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ମାନ୍ୟତା ପ୍ରଦାନ କରିଛି ।

ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଗଠିତ ଏନ୍.ଡି.ଏ. ସରକାର ଦେଶରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି । ୧୪୦ କୋଟିରୁ ଅଧିକ ଲୋକଙ୍କ ଭାଷା, ସଂସ୍କୃତି, ଧର୍ମ, ବିବିଧତା ମଧ୍ୟରେ ଆଶା ଓ

ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇପାରିଛି । ବିଶ୍ୱ ସ୍ତରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସବୁଠାରୁ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ଭାବେ ମାନ୍ୟତା ମିଳିଛି । ୩୦ରୁ ଅଧିକ ଦେଶ ଶ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି । ସାଧାରଣ, ସାମାଜିକ, ଆର୍ଥିକ ପୃଷ୍ଠଭୂମିରୁ ସର୍ବୋଚ୍ଚ ନିର୍ବାଚିତ ପଦବୀକୁ ଶ୍ରୀ ମୋଦୀଙ୍କ ଉତ୍ଥାନ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ରହିଥିବା ସୁଯୋଗ ଏବଂ ସାମାଜିକ ଗତିଶୀଳତାର ଏକ ଉଦାହରଣ ପାଲଟିଛି । ଭାରତ ଇତିମଧ୍ୟରେ ବିଶ୍ୱର ଦ୍ରୁତ ଗତିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ ରାଷ୍ଟ୍ର ସହ ବାଣିଜ୍ୟ ଚୁକ୍ତିନାମା, ବିକାଶ, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା, ଦକ୍ଷିଣ ବିଶ୍ୱକୁ ପ୍ରାଥମିକତା ଆଦି ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ଭାରତ ନିଜର ପ୍ରଭାବଶାଳୀ ପ୍ରଦର୍ଶନ କରିପାରିଛି ।

ଏହି ସଫଳତା ପାଇଁ ଶ୍ରୀ ମୋଦୀଙ୍କୁ ବିଶ୍ୱର ବିଭିନ୍ନ ନେତା ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକ ପ୍ରଦାନ କରିଥିବା ଶୁଭେଚ୍ଛାପତ୍ରରେ କହିଛନ୍ତି, ଶ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଶ୍ରୀଲଙ୍କା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରେରଣା ପ୍ରଦାନ କରିଛି । ପପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀଙ୍କୁ ଏକ ଆଦର୍ଶ ନେତୃତ୍ୱର ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତି । ୨୫ କୋଟି

ନାଗରିକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଊର୍ଦ୍ଧ୍ୱକୁ ଉତ୍ଥାନ କରିବା ଶ୍ରୀ ମୋଦୀଙ୍କର ଏକ ଉଲ୍ଲେଖନୀୟ ସଫଳତା ବୋଲି କହିଛନ୍ତି । ତ୍ରିନିଦାଦ ଓ ଟବାଗୋ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍ କହିଛନ୍ତି, ଶ୍ରୀ ମୋଦୀଙ୍କ ନେତୃତ୍ୱରେ ବୈଶ୍ୱିକ ପ୍ରସଙ୍ଗରେ ଭାରତ ଏକ ପ୍ରମୁଖ ରାଷ୍ଟ୍ର ଭାବେ ବିକଶିତ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶେସର୍ ଭାରତର ବୈଦେଶିକ ନୀତି, ଅର୍ଥନୀତିକ ଅଭିବୃଦ୍ଧି ଏବଂ ସାମାଜିକ-ଆର୍ଥିକ ବିକାଶ ଉପରେ ଆଲୋକପାତ କରିଛନ୍ତି ।

# ଏନ୍‌ଡିଏ-ମିଟିଂ

ନୂଆଦିଲ୍ଲୀରେ ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ.ର ଏକ ବୈଠକ ଅନୁଷ୍ଠିତ ହେବ । ଏନ୍.ଡି.ଏ. ସରକାରଙ୍କ ୧୨ ବର୍ଷ ପୂରଣ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବା ପରିପ୍ରେକ୍ଷୀରେ ଏହି ବୈଠକର ଆୟୋଜନ କରାଯାଇଛି । ଶ୍ରୀ ମୋଦୀଙ୍କ ସମେତ ବିଜେପିର ଶୀର୍ଷ ନେତୃତ୍ୱ ଏବଂ ଏନ୍.ଡି.ଏ.ର ସମସ୍ତ ଅଂଶିଦାର ଦଳର ନେତୃମଣ୍ଡଳୀ ଅଂଶଗ୍ରହଣ କରିବେ । ବୈଠକରେ ସମସ୍ତ ୨୨ଟି

ଏନ୍.ଡି.ଏ. ଶାସିତ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ସାମିଲ ହେବେ । ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ, ଭିତ୍ତିଭୂମି ବିକାଶ ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଜୟଶଙ୍କର-ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଦୁଇଦିନିଆ ବୁଲଗେରିଆ ଏବଂ ଫିନ୍‌ଲାଣ୍ଡ ଗସ୍ତରେ ଯିବେ । ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ବୁଲଗେରିଆ ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସେଠାକାର  ପ୍ରତିପକ୍ଷ ଏବଂ ଶୀର୍ଷ ନେତୃତ୍ୱଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଫିନ୍‌ଲାଣ୍ଡରେ ଆୟୋଜିତ ଚତୁର୍ଦ୍ଦଶ କୁଲତରନ୍ତା ଆଲୋଚନାରେ ଡକ୍ଟର ଜୟଶଙ୍କର ଅଂଶଗ୍ରହଣ କରିବେ । ପରିବର୍ତ୍ତିତ ବିଶ୍ୱ ଆଞ୍ଚଳିକ ଓ ସ୍ଥାନୀୟ ଦୃଷ୍ଟିକୋଣ ପ୍ରସଙ୍ଗ ଆଧାରରେ ଏହି ଆଲୋଚନା ଅନୁଷ୍ଠିତ ହେବ । ଗସ୍ତ ଅବସରରେ

ଡକ୍ଟର ଜୟଶଙ୍କର ତାଙ୍କ ଫିନ୍‌ଲାଣ୍ଡ ପ୍ରତିପକ୍ଷ ଏବଂ ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଟ୍ରମ୍ପ୍-ଇରାନ୍ ହେଲିକପ୍ଟର

ଇରାନ୍ ବିରୁଦ୍ଧରେ ଆମେରିକା ସେନା ପକ୍ଷରୁ ଆକ୍ରମଣ ଜୋରଦାର ହୋଇଛି । ଓମାନ୍ ଉପକୂଳରେ ଆମେରିକା ଏକ ଆପାଚୀ ହେଲିକପ୍ଟରକୁ ଇରାନ୍ ଡ୍ରୋନ୍ ମାଧ୍ୟମରେ କରିଥିବା ଆକ୍ରମଣ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଆମେରିକା ଅଧିକାରୀ ସୂଚନା ଦେଇଛନ୍ତି ।

କ୍ଷତିଗ୍ରସ୍ତ ହୋଇଥିବା ହେଲିକପ୍ଟରରୁ ୨ ଜଣ ଯାକ ପାଇଲଟଙ୍କୁ ଉଦ୍ଧାର କରାଯାଇଛି ବୋଲି ଆମେରିକା ସେନା ସୂଚନା ଦେଇଛି । ଆମେରିକାର ପ୍ରତିଆକ୍ରମଣ ପରିପ୍ରେକ୍ଷୀରେ ଇରାନ୍‌ର ସିରିକ୍, ମିନାଭ୍, ବନ୍ଦର ଅଞ୍ଚଳ ଆବାସ୍ ଏବଂ ହର୍ମୁଜ୍ ପ୍ରଣାଳୀ ସୀମାବର୍ତ୍ତୀ କ୍ୱେସମ୍ ଦ୍ୱୀପରେ ବିସ୍ଫୋରଣ ହୋଇଥିଲା । ଆମେରିକାର ହେଲିକପ୍ଟର ଉପରେ ଇରାନ୍ ଆକ୍ରମଣର ଜବାବ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ପ୍ରଦାନ କରାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସତର୍କ କରାଇ ଦେଇଛନ୍ତି । ଅନ୍ୟ ପକ୍ଷରେ

ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଅର୍ଘାଚୀ କହିଛନ୍ତି, ଆମେରିକା ଆକ୍ରମଣର କଠୋର ଜବାବ ଦିଆଯିବ । ହର୍ମୁଜ୍ ପ୍ରଣାଳୀ ଛାଡ଼ିବାକୁ ବିଦେଶୀ ସେନାଙ୍କୁ ଶ୍ରୀ ଅର୍ଘାଚୀ ସତର୍କ କରାଇଛନ୍ତି ।

## ଏଜୁକେସନ୍ ମିନିଷ୍ଟ୍ରି-ଲେଟର୍ସ୍

ବିଶ୍ୱର ତିନୋଟି ପ୍ରତିଷ୍ଠିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନକୁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ପତ୍ର ପ୍ରଦାନ କରାଯାଇଛି । ସେଗୁଡ଼ିକ ହେଉଛି – ବ୍ରିଷ୍ଟଲ୍ ବିଶ୍ୱବିଦ୍ୟାଳୟ, ୟର୍କ୍ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ ।

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ଅଧ୍ୟକ୍ଷ ଡକ୍ଟର ବିନିତ ଜୋଶୀ ଏହି ଅନୁମୋଦନପତ୍ର ପ୍ରଦାନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ଭାରତରେ ପ୍ରତିଷ୍ଠା ହେବାକୁ ଥିବା ଅନୁଷ୍ଠାନ ଜାତୀୟ ଶିକ୍ଷାନୀତି ୨୦୨୦ ଆନ୍ତର୍ଜାତିକ ଦୃଷ୍ଟିକୋଣକୁ ଗତିଶୀଳ କରିବାରେ ସହାୟକ ହେବ । ଦେଶରେ ଗୁଣାତ୍ମକ ଶିକ୍ଷା, ଶିକ୍ଷା କ୍ଷେତ୍ରରେ ବିଶ୍ୱ ସହଭାଗିତା ଏବଂ ନବସୃଜନ ଓ ଗବେଷଣା କ୍ଷେତ୍ରକୁ ଏହି ପଦକ୍ଷେପ ଅଧିକ ସୁଦୃଢ଼ କରିବ

ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସମେତ କେତେକ ରାଜ୍ୟରେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ତରଫରୁ କ୍ୟାମ୍ପସ୍ ପ୍ରତିଷ୍ଠା କରାଯିବ । ବିଶ୍ୱ ସ୍ତରରେ ପ୍ରତିଯୋଗିତା, ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶିକ୍ଷା ମନ୍ତ୍ରଣାଳୟ କହିଛି ।

## ଗଭ୍-୧୨ ଇୟର୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨ ବର୍ଷର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ଦୃଷ୍ଟିକୋଣ ଆଧାରରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଗରିବ, କୃଷକ, ମହିଳା ଏବଂ ଯୁବବର୍ଗଙ୍କ କଲ୍ୟାଣ ଓ ସଶକ୍ତିକରଣ ପାଇଁ ସରକାର ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗ ସରକାରଙ୍କ ୧୨ ବର୍ଷର କାର୍ଯ୍ୟକାଳରେ ଗ୍ରହଣ କରାଯାଇଥିବା ବିଶେଷ ପଦକ୍ଷେପଗୁଡ଼ିକ ଉପରେ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଶୁଣିବା ଯୁବବର୍ଗଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗତ ୧୨ ବର୍ଷ ମଧ୍ୟରେ ଦେଶର ଯୁବଶକ୍ତିକୁ ପ୍ରାଥମିକତା ପ୍ରଦାନ କରିଛନ୍ତି । ବିକଶିତ ଭାରତ ନିର୍ମାଣ ଏବଂ ବିଭିନ୍ନ କ୍ଷେତ୍ରରେ ଭବିଷ୍ୟତକୁ ଅଧିକ ସଶକ୍ତ କରିବାରେ ଯୁବବର୍ଗଙ୍କ ଭୂମିକା ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି । ୧୨ କୋଟିରୁ ଅଧିକ ନୂତନ ଉଦ୍ୟୋଗୀଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ମାଧ୍ୟମରେ ସହଯୋଗ ପ୍ରଦାନ କରାଯାଇଛି । ନିଯୁକ୍ତି ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳତା ଏବଂ ନିଯୁକ୍ତି ପ୍ରଦାନକାରୀ ଭାବେ ଯୁବବର୍ଗଙ୍କୁ ସରକାର ପ୍ରେରଣା ପ୍ରଦାନ କରିଛନ୍ତି ।

# କ୍ରିକେଟ୍

ଆଗାମୀ ଆୟରଲାଣ୍ଡ ଓ ଇଂଲଣ୍ଡ ଗସ୍ତରୁ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ବାଦ୍ ଦିଆଯାଇଛି । ତାଙ୍କ ବଦଳରେ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଦଳରେ ସାମିଲ କରାଯାଇଥିବା ନେଇ ଭାରତୀୟ କ୍ରିକେଟ୍ କର୍ଣ୍ଣୋଲ୍ ବୋର୍ଡ୍ ସୂଚନା ଦେଇଛି । ଏହି ଦୁଇ ଦେଶରେ ଭାରତୀୟ ଦଳ ଟି-ଟ୍ୱେଣ୍ଟି ସିରିଜ୍ ଖେଳିବ । ମ୍ୟାଚ୍ ଖେଳିବା ନେଇ ଫିଟ୍ ନ ଥିବାରୁ

ମହମ୍ମଦ ସିରାଜ୍‌ଙ୍କୁ ଦଳରୁ ବାଦ୍ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ବୋଲି ବି.ସି.ସି.ଆଇ. ସୂଚନା ଦେଇଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଆଜି ଦେଶର ବିଭିନ୍ନ ଅଞ୍ଚଳରେ ପ୍ରବଳ ଗରମ ହେବା ନେଇ ଆକଳନ କରିଛି । ଦିଲ୍ଲୀ, ହରିଆଣା, ଚଣ୍ଡିଗଡ଼, ପଞ୍ଜାବ, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, ଲଦାଖ, ଉତ୍ତରପ୍ରଦେଶ ଏବଂ ପଶ୍ଚିମ ରାଜସ୍ଥାନର କେତେକ ଅଞ୍ଚଳରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ । ଓଡ଼ିଶା ସମେତ କୋଙ୍କଣ ଏବଂ ଗୋଆରେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରକୋପ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଅନ୍ୟ ପକ୍ଷରେ ଆସନ୍ତା ତିନି ଦିନ ମଧ୍ୟରେ ଦେଶର ଅନ୍ୟ କେତେକ ଅଞ୍ଚଳରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ସେଗୁଡ଼ିକ ମଧ୍ୟରେ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, କର୍ଣ୍ଣାଟକର ଉପକୂଳ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳ, ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ, ସିକ୍କିମ୍, ବିହାରର କେତେକ ଅଞ୍ଚଳ, କେରଳମ, ମାହେ, କୋଙ୍କଣ, ଗୋଆ, ତାମିଲନାଡୁ, ପୁଡୁଚେରୀ, କେରିଇକାଲା,

ତେଲଙ୍ଗାନା ଏବଂ ଉତ୍ତରପୂର୍ବ ଅଞ୍ଚଳ ରହିଛି । ଓଡ଼ିଶା ସମେତ ଅନ୍ୟ କେତେକ ଅଞ୍ଚଳରେ ଆଜି ଘୂର୍ଣ୍ଣିଝଡ଼ ସହିତ ବର୍ଷାର ସମ୍ଭାବନା ରହିଛି ବୋଲି  ପାଣିପାଗ ବିଭାଗ ଅନୁମାନ କରିଛି ।